# Akashvani, Sambalpur

## SAMBALPURI NEWS EVENING BULLETIN

**11 October 2025- 7.02 pm- 7.12 pm.**

*********************************************

୧- ନୂଆଦିଲ୍ଲୀ ଠାନେ ପିଏମ୍ ଧନଧାନ୍ୟ କୃଷି ଯୋଜ୍ନାର୍ ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

- ସମ୍ବଲ୍‌ପୁର୍‌ର ବସନ୍ତପୁର୍ ଠାନେ ଥାପ୍‌ନା ହେବା ଅତ୍ୟାଧୁନିକ୍ ସମନ୍ୱିତ ଏକ୍ୱାପାର୍କ ।

- କୃଷି ଉତ୍ପାଦନ୍‌କେ ବଢ଼ାବାର୍ ଆଉ ଫସଲ୍ ବିବିଧତାକେ ଇ ଯୋଜ୍ନା ଆହୁରି ବର୍‌କସ୍ କର୍‌ବା- କହେଲେ ମୁଖ୍ୟମନ୍ତ୍ରୀ ।

୨- ପୁରୀ ଶ୍ରୀମନ୍ଦିର୍‌କେ ଡିଜିସିଏ ତର୍‌ଫୁ ରେଡ୍ ଜୋନ୍ ଘୋଷ୍‌ନା ।

୩- ଲିଙ୍ଗଗତ ସମାନତା ଆଉ କନ୍ୟାସନ୍ତାନ୍ ମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍ ଲକ୍ଷ୍ୟଥି ପାଲିତ୍ ହେଉଛେ ଅନ୍ତର୍ଜାତୀୟ କନ୍ୟା ଦିବସ୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ମୁଲ୍ ହେଇଛେ ଏସୀୟ ଟେବୁଲ୍ ଟେନିସ୍ ଚାମ୍ପିଅନ୍‌ସିପ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ଠାନେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଆଉ ଦାଏଲ୍ ଜାତୀୟ ଫସଲ୍‌ଥି ଆତ୍ମନିର୍ଭର୍‌ତା ମିଶନ୍‌ର ଶୁଭାରମ୍ଭ କରିଛନ୍ । ଶ୍ରୀ ମୋଦୀ କହିଛନ୍, ଚାଷ୍ କ୍ଷେତ୍ରଥି ସର୍‌କାର୍ ବହୁତ୍‌ଟେ ବିକାଶ୍‌ମୂଲକ୍ ପଦକ୍ଷେପ୍ ନେଇଥିବାର୍ ବେଲେ ଇ ଯୋଜ୍‌ନାଥି ବଜାର୍ ସୁବିଧା ଯୁଗାବାର୍‌ନୁ ସଂସ୍କାର୍‌ତକ୍ ସବୁ ପ୍ରକାରର୍ ବ୍ୟବସ୍ଥା କରାଯାଇଛେ । ୩ ଟା ମାନଦଣ୍ଡ ଜରିଏ ଇତାର୍ ସଫଲ୍ ମୂଲ୍ୟାଙ୍କନ୍ କରାଯିବା ।

(ଭଏସ୍ ଓଭର୍- ପିଏମ୍-୧)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ ଦୁହି କାର୍ଯ୍ୟକ୍ରମ୍ ଚାଷ୍, ଫସଲ୍‌ର ଉତ୍ପାଦନ୍ ବଢ଼ାବାର୍ ଆଉ ବିବିଧତା ଆର୍ ସ୍ଥାୟୀ ଚାଷ୍ ପଦ୍ଧତିକେ ତହଁକାବା । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ଶହେ ଟା ଜିଲ୍ଲା ନ ଆକାଂକ୍ଷୀ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍‌କେ ଘୋଷ୍‌ନା କରିଥିବାର୍ ବେଲେ ଓଡ଼ିଶାର୍ ସୁନ୍ଦର୍‌ଗଡ, ନୂଆପଡ଼ା, କନ୍ଧମାଲ୍, ମାଲ୍‌କାନ୍‌ଗିରିକେ ଇଥି ସାମିଲ୍ କରିଛନ୍ । ଇ ଯୋଜ୍‌ନାଥି ସାରା ଦେଶେ ଆଏବା ୬ ବଛର୍ ଲାଗି ବଛର୍‌କ ୨୪ ହଜାର୍ କୋଟି ଟଙ୍କା ଖର୍ଚ୍ଚା ହେବା ଆଉ ଦେଶର୍ ୧ କୋଟି ୭୦ ଲାଖ୍ ଚାଷୀ ଲାଭ୍ ପାଏବେ । ଇ ଅବ୍‌ସରେ ସମ୍ବଲ୍‌ପୁର୍‌ର ବସନ୍ତପୁର୍ ଠାନେ ଶହେ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଅତ୍ୟାଧୁନିକ୍

ସମନ୍ୱିତ ଏକ୍ୱାପାର୍କ ଆଉ ଭୁବନେଶ୍ୱର୍‌ର ପାଣ୍ଡ୍ରା ଠାନେ ପାଖାପାଖ୍ ୬୦ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଅତ୍ୟାଧୁନିକ୍ ମାଛ ବଜାର୍ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ସିଏମ୍ - ଧନଧାନ୍ୟ      ଆର୍‌ଏନ୍‌ୟୁ/ କଟକ୍/I&PR

ଭୁବ୍‌ନେଶ୍ୱର୍ ଓୟୁଏଟି ନ ଥିବା କୃଷି ଶିକ୍ଷା ସଦନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି କୃଷି ଆଉ କୃଷକ୍ ମାନ୍‌କର୍ କଲ୍ୟାଣ୍ କ୍ଷେତ୍ରଥି ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଆଉ ଦାଏଲ୍ ଜାତୀୟ ଫସଲ୍‌ଥି ଆତ୍ମନିର୍ଭରତା ମିଶନ୍ ଗୁଟେ ବର୍‌କସ୍ ଭୂମିକା ନେବା ବଲି କହିଛନ୍ । ଇ ଯୋଜ୍‌ନା କୃଷି ଆଉ ମାଛ୍ ଚାଷ୍ କ୍ଷେତ୍ରଥି ବିପ୍ଳବ୍ ଆନିପାର୍‌ବା ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଭୁବ୍‌ନେଶ୍ୱର୍ ପାଣ୍ଡରା ହୋଲ୍‌ସେଲ୍ ମାଛ ବଜାର୍ ପ୍ରକଳ୍ପ ଭୁବ୍‌ନେଶ୍ୱର୍‌ର କେନ୍ଦ୍ରସ୍ଥଲ୍ ନ ଆଉ ଗୁଟେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବଲି ଶ୍ରୀ ମାଝୀ କହିଛନ୍ । ୫୯ କୋଟି ୧୩ ଲାଖ୍ ଟଙ୍କା ଖର୍ଚ୍ଚାଥି ପ୍ରଧାନ୍‌ମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା ଅଧୀନ୍‌ଥି ଇଟା ତିଆର୍ ହେବା ।

ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଚାଷୀମାନ୍କୁ ସଶକ୍ତ କର୍ବାର୍ ଲାଗି ସର୍କାରୀ ଯୋଜ୍ନାର୍ ସଫଲ୍ ରୂପାୟନ୍ ଉପ୍ରେ ଜୋର୍ ଦେଇଛନ୍ । ରାଜ୍ୟର୍ ସବୁ କୃଷି ବିଜ୍ଞାନ୍ କେନ୍ଦ୍ର ନ ଇ କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ କରାଯାଇଛେ ।

ପିଏମ୍ ଧନଧାନ୍ୟ-ଜିଲ୍ଲା          କଳାହାଣ୍ଡି ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପିଏମ୍ ଧନଧାନ୍ୟ କୃଷି ଯୋଜ୍ନାର୍ ଶୁଭାରମ୍ଭ କରାଯାଇଛେ । ସମ୍ବଲ୍ପୁର୍ ଚିପିଲିମା ନ ଥିବା ଓୟୁଏଟି ପ୍ରେକ୍ଷାଳୟ ନ ହେଇଥିବା ହୀରାକୁଦ୍ ଇଂଟିଗ୍ରେଟେଡ୍ ଏକ୍ୱାପାର୍କର ଥାପ୍ନା କାର୍ଯ୍ୟକ୍ରମ୍ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ବସନ୍ତପୁର୍ ଠାନେ ୯୫ ଦଶ୍ମିକ୍ ୪/୭ ଏକଡ୍ ଜମିଥି ଇ ପାର୍କ ଥାପ୍ନା କରାଯିବାର୍ ଲାଗି କେନ୍ଦ୍ର ସର୍କାର୍ଙ୍କର୍ ଆଡୁ ଶହେ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ।

କଳାହାଣ୍ଡି ଜିଲ୍ଲା ନ ହେଇଥିବା କାର୍ଯ୍ୟକ୍ରମ୍ଥି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି ଇ ଯୋଜ୍ନା ଥି ଚାଷୀମାନ୍କୁ ବହୁତ୍ଟେ ଲାଭ୍ ମିଲ୍ବା ବଲି କହିଛନ୍ । ଜିଲ୍ଲାର୍

ଚାଷୀ, କୃଷି ବିଜ୍ଞାନ୍ ଅଧିକାରୀ ଆଉ ଅଲ୍‌ଗା ଅଧିକାରୀ ମାନେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ବର୍‌ଗଡ଼୍ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଥିବା ସଭାଗୃହ ନ ହେଇଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍, ଇ ଯୋଜ୍‌ନା ଚାଷ୍ କ୍ଷେତ୍ରଥି ଚାଷୀମାନ୍‌କୁ ଆତ୍ମନିର୍ଭର୍ କର୍‌ବାର୍‌ଥି ବଡ଼୍ ଭୂମିକା ନେବା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍‌ଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଶ୍ରୀମନ୍ଦିର୍ ରେଡ଼୍ ଜୋନ୍- ପୁରୀ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌କେ ବେସାମରିକ୍ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶାଳୟ ଡିଜିସିଏ ତର୍‌ଫୁ ରେଡ଼୍ ଜୋନ୍ ଘୋଷ୍‌ନା କରାଯାଇଛେ । ଗଲା ସେପ୍ଟେମ୍ବର୍ ୨୬ ତାରିଖ୍‌ନୁ ଶ୍ରୀମନ୍ଦିର୍ ଇଲାକାକେ ରେଡ଼୍ ଜୋନ୍ ଭାବେ ଘୋଷ୍‌ନା କରାଯାଇଥିବା ବାବ୍‌ଦେ ଏୟାର୍ ସ୍ପେଶ୍ ମେପ୍ ନ ରହିଥିବା ତଥ୍ୟ ନୁ ଜନାପଡ଼ିଛେ । ଇ ସମୟ ସୀମା ଆଏବା ୩ ବଛର୍‌ତକ୍ ଲାଗୁ ରହେବା । ନିୟମ୍ ଅନ୍‌ସାରେ ଫେର୍‌ଘାଏ ସମୟସୀମା ବଢ଼ାବାର୍ ଲାଗି ଆବେଦନ୍ କରାଯିବା । ଆଘୋନୁ ଶ୍ରୀମନ୍ଦିର୍ ଉପର୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଭାବେ ଘୋଷ୍‌ନା କରାଯାଇଥିଲା । ଇହାଦେର୍ ସମିଆଥି ରେଡ଼୍

ଜୋନ୍ ଘୋଷ୍‌ନା ମନ୍ଦିର୍‌ର ସୁରକ୍ଷାକେ ଆହୁରି ମଜ୍‌ବୁତ୍ କର୍‌ବା ବଲି ଆଶା କରାଯାଉଛେ ।

ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ । ଲିଙ୍ଗଗତ ସମାନତା ଆର୍ ଟୁକେଲ୍ ଛୁଆମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍‌କେ ଇ ଦିନ୍ ପାଲନ୍ କରାଯାଉଛେ । ୨୦୧୧ ମସିହା ଡିସେମ୍ବର୍ ୧୯ ତାରିଖ୍ ଦିନ ମିଳିତ ଜାତିସଂଘର୍ ସାଧାରଣ ପରିଷଦ୍‌ଥି ଆନ୍ତର୍ଜାତୀୟ କନ୍ୟାସନ୍ତାନ୍ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ପାରିତ୍ ହେବାର୍ ଉତ୍‌ରୁ ୨୦୧୨ ମସିହାନୁ ଫି ବଛର୍ ଅକ୍ଟୋବର୍ ୧୧ ତାରିଖ୍‌କେ ଆନ୍ତର୍ଜାତୀୟ କନ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଟୁକେଲ୍‌ମାନେ ଯେନ୍ତା ଶିକ୍ଷା, ପୋଷଣ, ଶାରୀରିକ୍ ଆର୍ ମାନସିକ କଲ୍ୟାଣ, ଆଇନ୍‌ଗତ ଅଧିକାର୍ ସବୁ କ୍ଷେତ୍ର ନ ଭେଦ୍‌ଭାବ୍‌ର ଶିକାର୍ ନାଇଁ ହେବେ ସେ ବାବ୍‌ଦେ ସମାଜ୍‌କେ ସଚେତନ୍ କର୍‌ବାର୍ ଇ ଦିନ୍ ପାଲନ୍‌ର ଉଦ୍ଦେଶ୍ୟ ଆଏ । ଇ ବଛର୍ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍‌ର ବିଷୟ 'ମୁଇଁ ଝି', ମୁଇଁ ପରିବର୍ତ୍ତନ୍: ସଙ୍କଟ୍‌ର ଆଗ୍‌ଆଡ଼େ କନ୍ୟା ମାନେ' ରଖାଯାଇଛେ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ ।

ତମାଖୁ ମୁକ୍ତ ଯୁବ ଅଭିଯାନ୍ ଆର୍ଏନ୍ୟୁ/ କଟକ୍

ସାରାଦେଶେ ତମାଖୁ ମୁକ୍ତ ଶିକ୍ଷା ପରିବେଶ୍ ଗଢ଼୍ବାର୍ ଆଉ ଛାତ୍ରଛାତ୍ରୀମାନ୍କର୍ ଶାରୀରିକ୍ ଆଉ ମାନସିକ୍ ସୁସ୍ଥତାକେ ନଜର୍ଥି ରଖିକରି ତମାଖୁ ମୁକ୍ତ ଯୁବ ଅଭିଯାନ୍ ୩.୦ ମୁଲ୍ କରାଯାଇଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍ବାର୍ ଦିଗେ ଗୁଟେ ସୁସ୍ଥ, ସୁଚିନ୍ତିତ ଆଉ ସଶକ୍ତ ଯୁଆନ୍ ପିଢ଼ି ଉପ୍ରେ ଜୋର୍ ଦିଆଯାଉଛେ । ଶାରୀରିକ୍ ଆଉ ମାନସିକ୍ ଭାବେ ସୁସ୍ଥ ଆଉ ଭଲ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁଆନ୍ ପିଢ଼ି ଦେଶ୍କେ ଗୁଟେ ସମୃଦ୍ଧ ଭବିଷ୍ୟତ୍ ଆଡ଼୍କେ ନେବାର୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ । ଶିକ୍ଷା ଆର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ମିଳିତ୍ ସହଯୋଗ୍ଥି ଗଲା ୯ ତାରିଖ୍ନୁ ମୁଲ୍ ହେଇଥିବା ଇ ଅଭିଯାନ୍ ୬୦ ଦିନ୍ତକ୍ ଚାଲ୍ବା । ଯୁଆନ୍ ପିଢ଼ିକେ ତମାଖୁ ବେଭାର୍ କର୍ବାର୍ନୁ ରୁକ୍ବାର୍ ଲାଗି ସଚେତନ୍ କର୍ବାର୍ ଆଉ ସ୍କୁଲ୍ ଆଉ ଉଚ୍ଚଶିକ୍ଷା ଅନୁଷ୍ଠାନ୍ ମାନ୍କେ ସ୍ୱାସ୍ଥ୍ୟ ଆଉ ସୁସ୍ଥତାର୍ ସଂସ୍କୃତିକେ ତହଁକାବାର୍ ଇ ଅଭିଯାନ୍ର ମୁଖିଆ ଲକ୍ଷ୍ୟ ଆଏ ।

ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସ୍କୁଲ୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ସୃଜନଶକ୍ତି ବଢ଼ାବାର୍ ଲକ୍ଷ୍ୟଥି ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ର ପଞ୍ଜିକରଣ୍‌ର ଆଏଜ୍ ଶେଷ୍ ତାରିଖ୍ ଶିକ୍ଷା ମନ୍ତ୍ରଣାଲୟର୍ ସ୍କୁଲ୍ ଶିକ୍ଷା ଆଉ ସ୍ୱାକ୍ଷରତା ବିଭାଗ୍ ତର୍‌ଫୁ ଅଟଲ୍ ଇନୋଭେସନ୍ ମିଶନ୍, ନୀତି ଆୟୋଗ୍ ଆଉ ଏଆଇସିଟିଇ ସହଯୋଗ୍‌ଥି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ଠାନେ ଗଲା ସେପ୍ଟେମ୍ବର୍ ୨୩ ତାରିଖ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି କହିଥିଲେ, ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ନୂଆଁ ଚିନ୍ତାଧାରା ଆଉ ଉତ୍ପାଦ ବିକାଶ୍ କର୍‌ବାର୍ କ୍ଷମତାକେ ଇଟା ବଢ଼ାବା । ଭୋକାଲ୍ ଫର୍ ଲୋକାଲ୍, ଆତ୍ମନିର୍ଭର୍ ଭାରତ୍, ସ୍ୱଦେଶ ଆଉ ସମୃଦ୍ଧି ବାଗିର୍ ୪ ଟା ବିଷୟବସ୍ତୁ ଉପ୍‌ରେ ଇ କାର୍ଯ୍ୟକ୍ରମ୍ କରାଯାଉଛେ ।

ନୂଆପଡ଼ା ଉପ ନିର୍ବାଚନ୍ -ତାଲିମ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ବିଧାନ୍‌ସଭା ଉପନିର୍ବାଚନ୍‌କେ ନେଇକରି ନିର୍ବାଚନ୍ କମିଶନ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ପ୍ରଶାସନିକ୍ ଅଧିକାରୀମାନ୍‌କୁ ତାଲିମ୍ ଦେବାର୍,

ଖର୍ଚ୍ଚାର୍ ଆକଲନ୍ ଲାଗି ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଇଥି ଅଧକ୍ଷତା କରିଥିବାର୍ ବେଲେ ଉପନିର୍ବାଚନ୍‌ଥି ୨ ଝନ୍ ଜାତୀୟ ସ୍ତର୍‌ର ମାଷ୍ଟର୍ ଟ୍ରେନ୍‌ର ଯୋଗ୍ ଦେଇକରି ଅଧିକାରୀମାନ୍‌କୁ ତାଲିମ୍ ଦେଇଥିଲେ ।

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ		I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଠାନୁ ୨୮ ନମ୍ବର୍ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌କେ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉଦ୍‌ଘାଟନ୍ କରିଛନ୍ । ଆଏବା ୧୫ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଚାମ୍ପିଅନ୍‌ସିପ୍‌ଥି ୨୨ ଟା ଦେଶ୍‌ନୁ ପୁରୁଷ, ମହିଳା ଟିମ୍ ବର୍ଗଥି ୫ ଶହ ନୁ ଅଏତ୍‌କା ଖେଲାଲି ଭାଗ୍ ନେଇଛନ୍ ।

ପାଣିପାଗ	ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆର୍ ତାର୍ ପାଖର୍ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି

ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ୧୪ ଟା ଜିଲ୍ଲାନେ ବିଜ୍‌ଲି, ଘଡ଼୍‌ଘଡ଼ି ସଙ୍ଗେ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।